ଓଡ଼ିଶା ସରକାର

ବିଧି ବିଭାଗ

# ଓଡ଼ିଶା ଔଦ୍ୟୋଗିକ ଗୃହ ବ୍ୟବସ୍ଥା ଅଧିନିୟମ, ୧୯୬୬

# THE ORISSA INDUSTRIAL HOUSING ACT, 1966

[ମୂଲ୍ୟ—ଟ ୦·୫୦ ପଇସା]

# ଓଡ଼ିଶା ଔଦ୍ୟୋଗିକ ଗୃହ ବ୍ୟବସ୍ଥା ଅଧିନିୟମ, ୧୯୬୬

## ସୂଚୀପତ୍ର


| | | ପୃଷ୍ଠା |
|---|---|---|
| ଉଦ୍ଦେଶିକାଧାର | | |
| ୧ । ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ | .. | ୧ |
| ୨ । ପରିଭାଷା | .. | ୧ |
| ୩ । ଅଧିନିୟମର ପ୍ରୟୋଗ | .. | ୨ |
| ୪ । ଗୃହ ବ୍ୟବସ୍ଥା କମିସନର ଓ ତାଙ୍କର କୃତ୍ୟ | .. | ୨ |
| ୫ । ଉପଦେଷ୍ଟା କମିଟି | .. | ୨ |
| ୬ । ଅଧିଭୋଗ କେତେବେଳେ ଅପ୍ରାଧିକୃତ ବିବେଚିତ ହେବ | .. | ୩ |
| ୭ । ଗୃହର ବଣ୍ଟନ ଓ ସେଥି ନିମିତ୍ତ ସର୍ତ୍ତ | .. | ୩ |
| ୮ । ବଣ୍ଟନର ରଦ୍ଦକରଣ | .. | ୩ |
| ୯ । ଭଡା ଓ ଅନ୍ୟ ପ୍ରଭାର | .. | ୩ |
| ୧୦ । ବକେୟା ଭଡ଼ା ଇତ୍ୟାଦିର ଅସୁଲ | .. | ୩ |
| ୧୧ । ବେତନ ବା ମଜୁରିରୁ ଭଡ଼ା କାଟ | .. | ୪ |
| ୧୨ । ହଟାଣ ବେଦଖଲ | .. | ୪ |
| ୧୩ । ଲୋକସାନ ଅସୁଲ କରିବାକୁ କ୍ଷମତା | .. | ୫ |
| ୧୪ । ଅପିଲ | .. | ୬ |
| ୧୫ । କୌଣସି ଗହରେ ପ୍ରବେଶ କରିବା କ୍ଷମତା | .. | ୬ |
| ୧୬ । ଆଦେଶର ଚୂଡ଼ାନ୍ତତା | .. | ୬ |
| ୧୭ । ଗୃହ ବ୍ୟବସ୍ଥା କମିସନର ଓ ସହାୟକମାନେ ଲୋକ-ସେବକ ହେବେ | .. | ୬ |
| ୧୮ । ଧନ ଟ୍ରେଜେରିରେ ଜମା ଦିଆଯିବ | .. | ୬ |
| ୧୯ । ଏହି ଅଧିନିୟମ ଅଧୀନରେ ନିଆ ଯାଇଥିବା କାର୍ଯ୍ୟବାହୀର ସଂରକ୍ଷଣ | .. | ୬ |
| ୨୦ । ଅପରାଧ | .. | ୬ |
| ୨୧ । ଅପରାଧର ସଂଜ୍ଞାନ | .. | ୭ |
| ୨୨ । ନିୟମାବଳି ପ୍ରଣୟନ କ୍ଷମତା | .. | ୭ |
| ୨୩ । ଅସୁବିଧା ଅପସାରଣ କ୍ଷମତା | .. | ୭ |

# ବାଧି ବିଭାଗ

## ଅଧିସୂଚନା

୨ ଫେବୃଆରୀ, ୧୯୬୭

ସ । ୮୧୪—ଲେଜିସ୍—ଓଡ଼ିଶା ବିଧାନସଭାର ନିମ୍ନଲିଖିତ ଅଧିନିୟମ ରାଷ୍ଟ୍ରପତିଙ୍କ ଦ୍ୱାରା ୧୩ ଜାନୁଆରୀ ୧୯୬୭ ରେ ଅନୁମତ ହୋଇ ଏତଦ୍ୱାରା ବ୍ୟାପକ ଅବଗତି ନିମିତ୍ତ ପ୍ରକାଶିତ ହେଉଅଛି*:—

୧୯୬୭ର ଓଡ଼ିଶା ଅଧିନିୟମ ୧

# ଓଡ଼ିଶା ଔଦ୍ୟୋଗିକ ଗୃହବ୍ୟବସ୍ଥା ଅଧିନିୟମ, ୧୯୬୬

ଔଦ୍ୟୋଗିକ କର୍ମୀମାନଙ୍କୁ ଗୃହବଣ୍ଟନ ଓ ତାହାର ଆନୁଷଙ୍ଗିକ ବିଷୟ ନିମିତ୍ତ ଉପବନ୍ଧ କରିବାକୁ ଏକ ଅଧିନିୟମ ।

ଭାରତ ଗଣରାଜ୍ୟର ସପ୍ତଦଶ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନ ମଣ୍ଡଳ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଉ :—

ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ ।

୧ । (୧) ଏହି ଅଧିନିୟମଟି ଓଡ଼ିଶା ଔଦ୍ୟୋଗିକ ଗୃହ ବ୍ୟବସ୍ଥା ଅଧିନିୟମ, ୧୯୬୬ ନାମରେ ଅଭିହିତ ହେବ ।

(୨) ଏହା ସମଗ୍ର ଓଡ଼ିଶା ରାଜ୍ୟ ପ୍ରତି ବିସ୍ତୃତ ।

(୩) ରାଜ୍ୟ ସରକାର, ସେଥିନିମିତ୍ତ, ଅଧିସୂଚନା ଦ୍ୱାରା ଯେଉଁ କ୍ଷେତ୍ର ଓ ଯେଉଁ ତାରିଖ ଘୋଷଣା କରିବେ ଏହା ସେହି କ୍ଷେତ୍ରରେ ଓ ସେହି ତାରିଖଠାରୁ ପ୍ରବୃତ୍ତ ହେବ ।

ପରିଭାଷା

୨ । ଏହି ଅଧିନିୟମରେ, ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁ ନ ଥିଲେ :—

(କ) "ଉପଦେଷ୍ଟା" ର ଅର୍ଥ ଧାରା ୫ ଅଧୀନରେ ଗଠିତ ଉପଦେଷ୍ଟା କମିଟି ;

(ଖ) "ବଣ୍ଟନ" ର ଅର୍ଥ ଏହି ଅଧିନିୟମ ଓ ତଦଧୀନ ପ୍ରଣୀତ ନିୟମାବଳିର ଉପବନ୍ଧମାନ ଅନୁଯାୟୀ କୌଣସି ଔଦ୍ୟୋଗିକ କର୍ମୀଙ୍କ ପକ୍ଷରେ ଏକ ଗୃହର ବଣ୍ଟନ ;

(ଗ) "ଗୃହ" ର ଅର୍ଥ ଧାରା ୩ ର ଉପଧାରା (୧) ରେ ନିର୍ଦ୍ଦେଶିତ ଏକ ଗୃହ ; ଏବଂ

(୵) ସେପରି ଗୃହର ସଂଲଗ୍ନ ଉଦ୍ୟାନ, ଭୂମି ଓ ବାହାର ଗୃହ ;

(୶) ସେପରି ଗୃହରେ ବ୍ୟବହାର ନିମିତ୍ତ ରାଜ୍ୟ ସରକାର, ସ୍ଥାନୀୟ ପ୍ରାଧିକାରୀ ବା ଗୃହବ୍ୟବସ୍ଥା କମିଶନରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା କୌଣସି ଆସବାବ ; ଏବଂ

(୷) ସେପରି ଗୃହର ଅଧିକ ଫାଇଦାପ୍ରଦ ଉପଭୋଗ ନିମିତ୍ତ ତହିଁରେ ଲଗା ଯାଇଥିବା କୌଣସି ଫିଟିଙ୍ଗ

ଗୃହର ଅନ୍ତର୍ଗତ

---

*ଏହି ଅଧିନିୟମଟି ୪ ଫେବୃଆରୀ ୧୯୬୭ ର ଅସାଧାରଣ ଓଡ଼ିଶା ରାଜପତ୍ର ସ ୧୦୭ ରେ ପ୍ରକାଶିତ ହୋଇଅଛି ।

(ଗ) "ଗୃହ ବ୍ୟବସ୍ଥା କମିଶନର" ର ଅର୍ଥ ଧାରା ୪ ଅଧୀନରେ ନିଯୁକ୍ତ ଗୃହ ବ୍ୟବସ୍ଥା କମିଶନର ;

(ଙ) "ଔଦ୍ୟୋଗିକ କର୍ମୀ" ର ଅର୍ଥ ଜଣେ ବ୍ୟକ୍ତି ଯେ କି:—

(୧) କାରଖାନା ଅଧିନିୟମ, ୧୯୪୮ ର ଧାରା ୨ ର ଖଣ୍ଡ (୧) ର ଅର୍ଥାନ୍ତର୍ଗତ ଜଣେ କର୍ମୀ ; କିମ୍ବା

(୨) ଖଣି ଅଧିନିୟମ, ୧୯୪୮ ର ଧାରା (୨) ର ଖଣ୍ଡ (ଜ) ର ଅର୍ଥାନ୍ତର୍ଗତ ଖଣି (କୋଇଲା ବା ଅଭ୍ର ଖଣି ବ୍ୟତୀତ) ରେ ନିୟୋଜିତ ଅଛନ୍ତି ;

(ଚ) "ବିହିତ" ର ଅର୍ଥ ଏହି ଅଧିନିୟମ ଅଧୀନରେ ପ୍ରଣୀତ ନିୟମାବଳି ଦ୍ୱାରା ବିହିତ ; ଏବଂ

(ଛ) "ଭଡା" ର ଅର୍ଥ ଏକ ଗୃହର ବ୍ୟବହାର ଓ ଅଧିଭୋଗ ନିମିତ୍ତ ଜଣେ ବଣ୍ଟନଗ୍ରାହୀ ବା ବ୍ୟକ୍ତିଙ୍କ ଦ୍ୱାରା ପ୍ରଦେୟ ଧନରାଶି ।

ଅଧିନିୟମର ପ୍ରୟୋଗ ।

୩ । (୧) ଏହି ଅଧିନିୟମ କେନ୍ଦ୍ରସରକାରଙ୍କ ଅର୍ଥାନୁକୂଳ ସାହାଯ୍ୟପ୍ରାପ୍ତ ଔଦ୍ୟୋଗିକ କର୍ମୀମାନଙ୍କ ନିମିତ୍ତ ଗୃହବ୍ୟବସ୍ଥା ପରିକଳ୍ପନା (ଏହାପରେ ଅର୍ଥାନୁକୂଳ ସାହାଯ୍ୟପ୍ରାପ୍ତ ଔଦ୍ୟୋଗିକ ଗୃହବ୍ୟବସ୍ଥା ପରିକଳ୍ପନା ବୋଲାଯାଇଛି) ଅଧୀନରେ କିମ୍ବା ସେଥିନିମିତ୍ତ ଅଧିସୂଚିତ ହେବା ରାଜ୍ୟ ବା କେନ୍ଦ୍ର ସରକାରଙ୍କ କୌଣସି ଅନ୍ୟ ପରିକଳ୍ପନା ଅଧୀନରେ ଔଦ୍ୟୋଗିକ କର୍ମୀମାନଙ୍କ ଅଧିଭୋଗ ନିମିତ୍ତ ରାଜ୍ୟ ସରକାର ବା କୌଣସି ସ୍ଥାନୀୟ ପ୍ରାଧିକାରୀଙ୍କ ଦ୍ୱାରା ନିର୍ମିତ ଗୃହପ୍ରତି ଲାଗୁ ହେବ ।

(୨) ରାଜ୍ୟ ସରକାର, ଶାସକୀୟ ରାଜପତ୍ରରେ ପ୍ରକାଶିତ ଏକ ଘୋଷଣା ଦ୍ୱାରା, ସେପରି ଗୃହ ଓ ଯେଉଁ ସହରରେ ସେଗୁଡ଼ିକ ଅବସ୍ଥିତ, ତାହାର ନାମ ସମୟାନୁକ୍ରମେ ବିନିର୍ଦ୍ଦିଷ୍ଟ କରିପାରିବେ ଏବଂ ଅର୍ଥାନୁକୂଳ ସାହାଯ୍ୟ ପ୍ରାପ୍ତ ଔଦ୍ୟୋଗିକ ଗୃହ ବ୍ୟବସ୍ଥା ପରିକଳ୍ପନା ଅଧୀନରେ ଔଦ୍ୟୋଗିକ କର୍ମୀମାନଙ୍କ ଅଧିଭୋଗ ନିମିତ୍ତ, ଯଥାସ୍ଥିତି ରାଜ୍ୟ ସରକାର ବା ସ୍ଥାନୀୟ ପ୍ରାଧିକାରୀଙ୍କ ଦ୍ୱାରା ଗୃହଗୁଡ଼ିକ ନିର୍ମିତ ହୋଇଥିଲା ବୋଲି ଘୋଷଣାଟି ନିଶ୍ଚାୟକ ସାକ୍ଷ୍ୟ ହେବ ।

ଗୃହ ବ୍ୟବସ୍ଥା କମିଶନର ଓ ତାଙ୍କର କୃତ୍ୟ ।

୪ । ରାଜ୍ୟ ସରକାର ଜଣେ ଗୃହ ବ୍ୟବସ୍ଥା କମିଶନର ନିଯୁକ୍ତ କରିବେ ଯେ କି ରାଜ୍ୟ ସରକାରଙ୍କ ନିୟନ୍ତ୍ରଣର ଅଧ୍ୟଧୀନରେ ଗୃହଗୁଡ଼ିକର ବଣ୍ଟନ, ଭଡା ଆଦାୟ, ସେପରି ଗୃହ ଅଧିଭୋଗ କରୁଥିବା ବ୍ୟକ୍ତିମାନଙ୍କ ବେଦଖଲ ନିମିତ୍ତ ଏବଂ ସାଧାରଣ ଭାବରେ ଏହି ଅଧିନିୟମର ପ୍ରଶାସନ ସମ୍ପର୍କୀୟ ସମସ୍ତ ବିଷୟ ନିମିତ୍ତ ଉତ୍ତରଦାୟୀ ହେବେ ।

ଉପଦେଷ୍ଟା କମିଟି

୫ । (୧) ରାଜ୍ୟ ସରକାର, ଅଧିସୂଚନା ଦ୍ୱାରା, ରାଜ୍ୟ ସରକାରଙ୍କ ଦ୍ୱାରା ନାମ ନିର୍ଦ୍ଦେଶିତ ହେବା ପାଞ୍ଚଜଣ ସଦସ୍ୟଙ୍କୁ ନେଇ ଏକ ଉପଦେଷ୍ଟା କମିଟି ଗଠନ କରି ପାରିବେ ଯେଉଁମାନଙ୍କ ମଧ୍ୟରୁ ଜଣେ ଉକ୍ତ କମିଟିର ଚେୟାରମ୍ୟାନ ହେବାକୁ ସରକାରଙ୍କ ଦ୍ୱାରା ନିଯୁକ୍ତ ହେବେ :

ପରନ୍ତୁ, ଉପଦେଷ୍ଟା କମିଟି ଅନ୍ତତଃ ଔଦ୍ୟୋଗିକ କର୍ମୀମାନଙ୍କର ପ୍ରତିନିଧିତ୍ୱ କରୁଥିବା ଜଣେ ସଦସ୍ୟ ଓ ସେପରି କର୍ମୀମାନଙ୍କ ନିୟୋକ୍ତାମାନଙ୍କର ପ୍ରତିନିଧିତ୍ୱ କରୁଥିବା ଜଣେ ସଦସ୍ୟଙ୍କୁ ଅନ୍ତର୍ଗତ କରିବ ।

(୨) ଏହି ଅଧିନିୟମର ପରିସ୍ଥକନା ସମ୍ପର୍କୀୟ ବିଷୟ ଯାହାକି ରାଜ୍ୟସରକାର ବା ଗୃହ ବ୍ୟବସ୍ଥା କମିଶନର ତାହାକୁ ଉପଦେଶ ନିମିତ୍ତ ନାମନିର୍ଦ୍ଦେଶିତ କରିବେ ସେହି ବିଷୟରେ ଉପଦେଶ ଦେବା ଉପଦେଷ୍ଟା କମିଟିର କର୍ତ୍ତବ୍ୟ ହେବ ।

**ଅଧିଭୋଗ କେତେବେଳେ ଅପ୍ରାଧିକୃତ ବିବେଚିତ ହେବ ।**

୬ । ଏହି ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତ କୌଣସି ବ୍ୟକ୍ତି, ଅନ୍ୟଥା ଉପବନ୍ଧିତ ହୋଇଥିବା ବ୍ୟତିରେକେ, କୌଣସି ଗୃହର ଅପ୍ରାଧିକୃତ ଅଧିଭୋଗରେ ଅଛନ୍ତି ବୋଲି ବିବେଚିତ ହେବ —

(କ) ଯେଉଁଠାରେ ସେ ଗୃହବ୍ୟବସ୍ଥା କମିଶନରଙ୍କ ଦ୍ୱାରା କରାଯାଇଥିବା କୌଣସି ବଣ୍ଟନର ଅନୁସରଣ ଭିନ୍ନ ଅନ୍ୟଥା ଏକ ଗୃହର ଦଖଲ ନେଇଥାନ୍ତି ;

(ଖ) ଯେଉଁଠାରେ ଜଣେ ବଣ୍ଟନଗ୍ରାହୀ ଥାଇ ସେ ଧାରା ୮ ଅଧୀନରେ ବଣ୍ଟନ ରଦ୍ଦ ହେବା କାରଣରୁ ଗୃହଟି ଅଧିଭୋଗ କରିବାକୁ ହକ୍‌ଦାର ହେବାରୁ ରହିତ ହୋଇଥାନ୍ତି ; କିମ୍ବା

(ଗ) ଯଦି ସେ ଔଦ୍ୟୋଗିକ କର୍ମୀ ହେବାରୁ ରହିତ ହୋଇଥାନ୍ତି ।

**ସ୍ପଷ୍ଟୀକରଣ**—ଜଣେ ବ୍ୟକ୍ତି ଭଡାରୂପେ କୌଣସି ଧନରାଶି ପ୍ରଦାନ କରିଛନ୍ତି କେବଳ ଏହି କାରଣରୁ ବଣ୍ଟନଗ୍ରାହୀରୂପେ ଗୃହର ଦଖଲ ନେଇଛନ୍ତି ବୋଲି ବିବେଚିତ ହେବନାହିଁ ।

**ଗୃହର ବଣ୍ଟନ ଓ ସେଥିନିମିତ୍ତ ସର୍ତ୍ତ ।**

୭ । ଗୃହଗୁଡ଼ିକର ବଣ୍ଟନ ଗୃହବ୍ୟବସ୍ଥା କମିଶନରଙ୍କ ଦ୍ୱାରା ବିହିତ ରୀତିରେ ସେଥିନିମିତ୍ତ କରାଯିବା ଆବେଦନ ଉପରେ ହେବ ଏବଂ ବିହିତ ହେବାମତେ ନିର୍ବନ୍ଧନ ଓ ସର୍ତ୍ତର ଅଧ୍ୟଧୀନ ହେବ ।

**ବଣ୍ଟନର ରଦ୍ଦ**

୮ । ଆପାତତଃ ବଳବତ୍ ଥିବା କୌଣସି ଅନ୍ୟ ବିଧିରେ କିଛି ବିଷୟ ଅନ୍ତର୍ବିଷ୍ଟ ଥିବା ସତ୍ତ୍ୱେ, ଗୃହବ୍ୟବସ୍ଥା କମିଶନର, ଅଧିଭୋକ୍ତାଙ୍କୁ ସୂଚନାଦେଇ ଏବଂ ତାଙ୍କର ସ୍ପଷ୍ଟୀକରଣ ଥିଲେ, ବିଗ୍ରର କରି ଅଭିଲିଖିତ କରାଯିବା କାରଣ ନିମିତ୍ତ, ଯେଉଁ ବଣ୍ଟନ ଅଧୀନରେ ଗୃହ କୌଣସି ବ୍ୟକ୍ତିଙ୍କଦ୍ୱାରା ଧାରିତ ହୋଇଥାଏ ବା ତାଙ୍କର ଅଧିଭୋଗରେ ଥାଏ ସେହି ବଣ୍ଟନ ରଦ୍ଦ କରିପାରିବେ ଏବଂ ବଣ୍ଟନ ରଦ୍ଦ କରୁଥିବା ଆଦେଶ ଦିଆଯିବା ଉପରେ ତାହାର ଏକ ନକଲ ସେପରି ବ୍ୟକ୍ତିଙ୍କ ଉପରେ ଜାରି କରାଯିବ ।

**ଭଡ଼ା ଓ ଅନ୍ୟ ପ୍ରଭାର ।**

୯ । (୧) ଯେଉଁ ବ୍ୟକ୍ତିଙ୍କ ପକ୍ଷରେ ଏକ ବଣ୍ଟନ ହୋଇଥିବ ସେହି ବ୍ୟକ୍ତିଙ୍କ ଦ୍ୱାରା ଗୃହବ୍ୟବସ୍ଥା କମିଶନର ସ୍ଥିର କରିବାମତେ ସେହି ହାରରେ ଓ ସେହି ତାରିଖରେ ଭଡ଼ା ଓ ଅନ୍ୟ ପ୍ରଭାରମାନ ପ୍ରଦେୟ ହେବ ।

(୨) ସମସ୍ତ ଭଡ଼ା ଓ ଅନ୍ୟ ପ୍ରଭାର ନଗଦ ଟଙ୍କା ଆକାରରେ ସଂଗ୍ରହ କରାଯିବ ଏବଂ ପରବର୍ତ୍ତୀ ମାସର ୧୫ଶ ଦିନ ସୁଦ୍ଧା ମାସିକ ପ୍ରଦେୟ ହେବ :

ପରନ୍ତୁ ଗହବ୍ୟବସ୍ଥା କମିସଶନର ସେଥିନିମିତ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯିବାମତେ ନିର୍ଦ୍ଦେଶଗଡ଼ିକର ଅଧ୍ୟଧୀନରେ, ସମୟାନୁକ୍ରମେ ସେ ଉଚିତ ବିବେଚନା କରିବାମତେ ଭଡ଼ା ଓ ଅନ୍ୟ ପ୍ରଭାର ପ୍ରଦାନ ନିମିତ୍ତ ଅଧିକତର କାଳାବଧି ଅନୁଜ୍ଞାତ କରିପାରିବେ ।

(୩) କୌଣସି ଭଡ଼ା ବା ଅନ୍ୟ ପ୍ରଭାରମାନ ଯଥା ତାରିଖରେ, ବା ଉପରୋକ୍ତମତେ ବିସ୍ତାରିତ କାଳାବଧି ମଧ୍ୟରେ ପ୍ରଦାନ କରାନ ଗଲେ ବକେୟା ରୂପେ ବିବେଚିତ ହେବ ।

**ବକେୟା ଭଡ଼ା ଇତ୍ୟାଦିର ଅସୁଲ ।**

୧୦ । ଯଦି ବକେୟା ଭଡ଼ା ଓ ଅନ୍ୟ ପ୍ରଭାର ଯାହା ନିମିତ୍ତ ଅଭିଯାଚନର ସୂଚନା ଜାରି ହୋଇଅଛି, ଗୃହ ବ୍ୟବସ୍ଥା କମିଶନରଙ୍କୁ ବା ତାଙ୍କ ଦ୍ୱାରା ପ୍ରାଧିକୃତ ସେପରି ଅନ୍ୟ ଅଫିସରଙ୍କୁ, ଜାରି ତାରିଖଠାରୁ ତିରିଶଦିନ ମଧ୍ୟରେ କିମ୍ବା ସେ ଅନୁଜ୍ଞାତ କରିବା ମତେ ବିସ୍ତାରିତ କାଳାବଧି ମଧ୍ୟରେ ପ୍ରଦାନ କରା ନ ଯାଏ ସେପରି ବକେୟା ତାହା ସମେତ ଅସୁଲର ସମସ୍ତ ଖର୍ଚ୍ଚ ବକେୟା ଭୂ-ରାଜସ୍ୱରୂପେ ଅସୁଲ ଯୋଗ୍ୟ ହେବ ।

**ବେତନ ବା ମଜୁରିରୁ ଭଡ଼ା କାଟ ।**

୧୧ । (୧) ଧାରା ୯ ଓ ୧୦ର ଉପବନ୍ଧଗୁଡ଼ିକରେ କିଛି ବିଷୟ ଅନ୍ତର୍ଭୁକ୍ତ ଥିବା ସତ୍ତ୍ୱେ ଜଣେ ବଣ୍ଟନ ଗ୍ରାହୀ ଯେଉଁ ନିଯୋକ୍ତାଙ୍କ ଅଧୀନରେ ନିୟୋଜିତ ହୋଇଥିବେ, କରାରରେ ବିନିର୍ଦ୍ଦିଷ୍ଟ ହୋଇଥିବା ପରିମାଣ ତାଙ୍କୁ ପ୍ରଦେୟ ହୋଇଥିବା ବେତନ ବା ମଜୁରୀରୁ ସମୟାନୁକ୍ରମେ କାଟ କରିବାକୁ ଓ ସେପରି କାଟ କରାଯାଇଥିବା ପରିମାଣ ବଣ୍ଟାଯାଇଥିବା ଗୃହ ସମ୍ପର୍କରେ ଗୃହବ୍ୟବସ୍ଥା କମିଶନରଙ୍କୁ ଭଡ଼ା ଓ ଅନ୍ୟ ପ୍ରଭାରର ସନ୍ତୋଷ ନିମିତ୍ତ ତାହାଙ୍କୁ ଶୋଧ୍ୟ ପ୍ରଦାନ କରିବାକୁ ସେହି ନିଯୋକ୍ତାଙ୍କୁ କ୍ଷମତା ପ୍ରଦାନ କରି ଗୃହବ୍ୟବସ୍ଥା କମିଶନରଙ୍କ ପକ୍ଷରେ ବିହିତ ଫାରମରେ ଏକ କରାର ନିଷ୍ପାଦନ କରି ପାରିବେ ।

(୨) ମଜୁରି ପ୍ରଦାନ ଅଧିନିୟମ, ୧୯୩୬ ରେ କିଛି ବିଷୟ ଅନ୍ତର୍ଭୁକ୍ତ ଥିବା ସତ୍ତ୍ୱେ, ସେପରି କରାର ନିଷ୍ପାଦିତ ହେଲେ ନିଯୋକ୍ତା ନିୟୋଜିତ ବ୍ୟକ୍ତିଙ୍କ ବେତନ ବା ମଜୁରୀରୁ କରାର ଅନୁଯାୟୀ ପରିମାଣ କାଟ କରିବେ ଏବଂ ଏହିରୂପେ କାଟ କରାଯାଇଥିବା ପରିମାଣ ସେଥିନିମିତ୍ତ ପ୍ରଣୀତ ନିୟମାବଳୀ ଅନୁଯାୟୀ ଗୃହବ୍ୟବସ୍ଥା କମିଶନରଙ୍କୁ କିମ୍ବା ତାଙ୍କ ଦ୍ୱାରା ପ୍ରାଧିକୃତ ହେବାମତେ ସେପରି ଅନ୍ୟ ଅଫିସରଙ୍କୁ ପ୍ରଦାନ କରିବେ ଏବଂ ନିଯୋକ୍ତା କରାର ଉଲ୍ଲଙ୍ଘନରେ ନିୟୋଜିତ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇ ଥିବା କୌଣସି ପରିମାଣ ନିମିତ୍ତ ଦାୟୀ ହେବେ :

ପରନ୍ତୁ, କୌଣସି ବିଶିଷ୍ଟ କାଳାବଧି ସମ୍ପର୍କରେ କାଟ କରାଯାଇଥିବା ମୋଟ ପରିମାଣ ସେହି କାଳାବଧି ନିମିତ୍ତ ଶୋଧ୍ୟ ବେତନ ବା ମଜୁରିର ଶତକଡ଼ା ପଚିଶରୁ ଅଧିକ ହେବ ନାହିଁ :

ପୁନଶ୍ଚ, ଯେଉଁଠାରେ ଏହି ଉପଧାରା ଅଧୀନରେ ପ୍ରାଧିକୃତ ମୋଟ କାଟ ଉପରୋକ୍ତ ବେତନ ବା ମଜୁରିର ଶତକଡ଼ା ପଚିଶରୁ ଅଧିକ ହୋଇଥାଏ, ସେହିଠାରେ ଅଧିକ ପରିମାଣ ବିହିତ ହେବାମତେ ସେପରି ରୀତିରେ ଅସୁଲ କରାଯାଇ ପାରିବ ।

(୩) ଯଦି ନିଯୋକ୍ତା ଉପଧାରା (୧) ଅଧୀନରେ ନିଷ୍ପାଦିତ କରାରର ଉଲ୍ଲଙ୍ଘନରେ ଉପଧାରା (୨) ଅନୁଯାୟୀ କାଟ କରାଯାଇଥିବା ପରିମାଣ ବ୍ୟବସ୍ଥା କମିଶନରଙ୍କୁ ପ୍ରଦାନ ନ କରନ୍ତି ବା ନିୟୋଜିତ ବ୍ୟକ୍ତିଙ୍କୁ କୌଣସି ପରିମାଣ ପ୍ରଦାନ କରନ୍ତି, କାଟ କରାଯାଇଥିବା କିମ୍ବା ସେ ସେପରି ପ୍ରଦାନ କରାଯାଇଥିବା ପରିମାଣ ଅସୁଲର ସମସ୍ତ ଖର୍ଚ୍ଚ ସମେତ ନିଯୋକ୍ତାଙ୍କ ଠାରୁ ବକେୟା ଭୂ-ରାଜସ୍ୱ ରୂପେ ଅସୁଲଯୋଗ୍ୟ ହେବ ।

**ହଠାତ୍ ବେଦଖଲ ।**

୧୨ । (୧) ଯଦି ଗୃହ ବ୍ୟବସ୍ଥା କମିଶନର ସନ୍ତୁଷ୍ଟ ହୁଅନ୍ତି ଯେ—

(କ) କୌଣସି ଗୃହ ଅଧିଭୋଗ କରିବାକୁ ପ୍ରାଧିକୃତ ହୋଇଥିବା ବ୍ୟକ୍ତି—

(୧) ଧାରା ୧୧ ଅଧୀନରେ କରାର ନିଷ୍ପାଦନ କରି ନାହାଁନ୍ତି କିମ୍ବା ସେପରି ଗୃହ ସମ୍ପର୍କରେ ତାଙ୍କଠାରୁ ବିଧିପୂର୍ଣ୍ଣଭାବରେ ଶୋଧ୍ୟ ଦୁଇମାସ ବା ତହିଁରୁ ଅଧିକ କାଳାବଧିର ଭଡା ଓ ଅନ୍ୟ ପ୍ରଭାରର ବକେୟାରେ ଅଛନ୍ତି ; କିମ୍ବା

(୨) ସେପରି ସମଗ୍ର ଗୃହ ବା ତାହାର କୌଣସି ଭାଗ ଦରପଟା ଦେଇଅଛନ୍ତି ; କିମ୍ବା

(୩) ସେପରି ଗୃହ ଅଧିଭୋଗ କରିବାକୁ, ଅଭିବ୍ୟକ୍ତ ବା ବିବକ୍ଷିତ ଯେଉଁ ନିର୍ବନ୍ଧନ ଅଧୀନରେ ପ୍ରାଧିକୃତ ଅଟନ୍ତି ସେହି ନିର୍ବନ୍ଧନରେ ଉଲ୍ଲଙ୍ଘନରେ ଅନ୍ୟଥା କାର୍ଯ୍ୟ କରି ଅଛନ୍ତି; କିମ୍ବା

(ଖ) କୌଣସି ବ୍ୟକ୍ତି କୌଣସି ଗୃହର ଅପ୍ରାଧିକୃତ ଅଧିଭୋଗରେ ଅଛନ୍ତି,

ସେ, ଅପାତତଃ ବଳବତ୍ ଥିବା କୌଣସି ବିଧିରେ କିଛି ବିଷୟ ଅନ୍ତର୍ଭୁକ୍ତ ଥିବା ସତ୍ତ୍ୱେ—

(୧) ଡାକ ଦ୍ୱାରା ; କିମ୍ବା

(୬/) ସେପରି ଗୃହର ବାହାର କବାଟ ବା କିଛି ସହଜ ଦୃଶ୍ୟ ଭାଗରେ ସୂଚନାର ଏକ ନକଲ ଲଗାଇବା ଦ୍ୱାରା ; କିମ୍ବା

(୮/) ବିହିତ ହେବାମତେ ସେପରି ଅନ୍ୟ ରୀତିରେ,

ସୂଚନା ଜାରିକରି

ସେପରି ବ୍ୟକ୍ତିଙ୍କୁ ତଥା ଗୃହର ସମସ୍ତ ବା କୌଣସି ଭାଗର ଅଧିଭୋଗରେ ଥିବା କୌଣସି ଅନ୍ୟ ବ୍ୟକ୍ତିଙ୍କୁ ସୂଚନା ଜାରି ହେବା ତାରିଖର ଏକମାସ ମଧ୍ୟରେ ତାହା ଖାଲି କରିବାକୁ ଆବଶ୍ୟକ କରି ପାରିବେ :

ପରନ୍ତୁ, ଯେଉଁଠାରେ ଔଦ୍ୟୋଗିକ ବିବାଦ ଅଧିନିୟମ, ୧୯୪୭ରେ ପରିଭାଷିତ ହୋଇଥିବାମତେ ଔଦ୍ୟୋଗିକ ନ୍ୟାୟାଧିକରଣଠାରେ ନ୍ୟାୟନିର୍ଣ୍ଣୟର ବିଷୟବସ୍ତୁରୂପେ କାର୍ଯ୍ୟବିଷୟକ ପ୍ରଶ୍ନ ନିଯୋକ୍ତା ଓ ନିୟୋଜିତ ବ୍ୟକ୍ତିଙ୍କ ମଧ୍ୟରେ ବିବାଦାଧୀନ ଥାଏ, ସେଠାରେ ଔଦ୍ୟୋଗିକ କର୍ମୀ ବେଦଖଲ ନିମିତ୍ତ ଦାୟୀ ହେବେ ନାହିଁ। ୧୯୪୭ର ୧୪

(୨) ଯଦି କୌଣସି ବ୍ୟକ୍ତି ଉପଧାରା (୧) ଅଧୀନରେ ଜାରି କରାଯାଇଥିବା ସୂଚନା ଅନୁପାଳନ କରିବାକୁ ମନା କରନ୍ତି ବା ଅନୁପାଳନ ନ କରନ୍ତି ଗୃହବ୍ୟବସ୍ଥା କମିଶନର, ଗୃହସ୍ଥ ସେହି ବ୍ୟକ୍ତିଙ୍କ ବେଦଖଲ ନିମିତ୍ତ ଆଦେଶ ଦେଇପାରିବେ ଓ ଗୃହର ଦଖଲ ନେଇପାରିବେ ଏବଂ ସେଥି ନିମିତ୍ତ ଆବଶ୍ୟକ ହେବାମତେ ଯୁକ୍ତିଯୁକ୍ତ ବଳର ବ୍ୟବହାର ପ୍ରାଧିକୃତ କରିପାରିବେ।

(୩) ଉପଧାରା (୨) ଅଧୀନରେ ଦିଆଯାଇଥିବା ଆଦେଶର ଏକ ନକଲ ଆଦେଶ ଯେଉଁ ବ୍ୟକ୍ତିଙ୍କ ବିରୁଦ୍ଧରେ ହୋଇଥିବ ସେହି ବ୍ୟକ୍ତିଙ୍କ ଉପରେ ଜାରି କରାଯିବ।

(୪) ଯଦି କୌଣସି ବ୍ୟକ୍ତି, ଯେ କି ଉପଧାରା (୧) ର ଖଣ୍ଡ (କ) ର ଉପଖଣ୍ଡ (/) ବା (୮/) ଅଧୀନରେ କୌଣସି ଗୃହ ଖାଲି କରିବାକୁ ଆଦିଷ୍ଟ ହୋଇଥାନ୍ତି, ସୂଚନା ଜାରି ହେବା ତାରିଖଠାରୁ ଏକମାସ ମଧ୍ୟରେ କିମ୍ବା ଗୃହବ୍ୟବସ୍ଥା କମିଶନର ଅନୁଜ୍ଞାତ କରିବାମତେ ଅଧିକ ସମୟ ମଧ୍ୟରେ, ଗୃହବ୍ୟବସ୍ଥା କମିଶନରଙ୍କୁ ବକେୟା ଭଡ଼ା ବା ଅନ୍ୟ ପ୍ରଭାର ପ୍ରଦାନ କରନ୍ତି କିମ୍ବା ତାଙ୍କ ଦ୍ୱାରା ଉଲ୍ଲଙ୍ଘିତ ହୋଇଥିବା ନିର୍ବନ୍ଧନମାନ ଗହବ୍ୟବସ୍ଥା କମିଶନରଙ୍କ ସନ୍ତୋଷମତେ କାର୍ଯ୍ୟାନ୍ୱିତ କରନ୍ତି ବା ଅନୁପାଳନ କରନ୍ତି, ସେ ସେପରି ବ୍ୟକ୍ତିଙ୍କୁ ବେଦଖଲ କରିବା ପରିବର୍ତ୍ତେ ଉପଧାରା (୧) ଅନୁଯାୟୀ ତାଙ୍କର ଆଦେଶ ରଦ୍ଦ କରିପାରିବେ ଏବଂ ତତ୍ପରେ ସେହି ବ୍ୟକ୍ତି ସୂଚନା ଜାରି ହେବାର ଅବ୍ୟବହିତ ପୂର୍ବରୁ ଯେଉଁ ନିର୍ବନ୍ଧନ ଗୁଡ଼ିକରେ ଗୃହ ଧାରଣ କରିଥିଲେ ସେହି ନିର୍ବନ୍ଧନ ଗୁଡ଼ିକରେ ଏବଂ ଗୃହ ବ୍ୟବସ୍ଥା କମିଶନରଙ୍କ ଦ୍ୱାରା ଉଲ୍ଲେଖ କରାଯିବାମତେ ସେପରି ଅନ୍ୟ ନିର୍ବନ୍ଧନ ଓ ସର୍ତ୍ତରେ ଗୃହ ଧାରଣ କରିବେ ।

ଲୋକସାନ ଅସୁଲ କରିବାକୁ କ୍ଷମତା ।

୧୩ । (୧) ଯେଉଁଠାରେ କୌଣସି ବ୍ୟକ୍ତି କୌଣସି ଗହର ଅପ୍ରାଧିକୃତ ଅଧିଭୋଗରେ ଥିବେ, ସେଠାରେ ଗୃହବ୍ୟବସ୍ଥା କମିଶନର ବିହିତ ରୀତିରେ, ଗୃହର ବ୍ୟବହାର ଓ ଅଧିଭୋଗ ବାବଦରେ ନ୍ୟାୟସଙ୍ଗତ ଓ ଉଚିତ ବିବେଚନା କରିବାମତେ ଲୋକସାନ ନିର୍ଦ୍ଧାରଣ କରିପାରିବେ ଏବଂ ଡାକ ଦ୍ୱାରା ବା ଅନ୍ୟଥା ସୂଚନା ଜାରିକରି ସୂଚନାରେ ବିନିର୍ଦ୍ଦିଷ୍ଟ ହେବାମତେ ସେହି ସମୟ ମଧ୍ୟରେ ଲୋକସାନ ପ୍ରଦାନ କରିବାକୁ ସେହି ବ୍ୟକ୍ତିଙ୍କୁ ଆଦେଶ କରି ପାରିବେ ।

(୨) ଯଦି କୌଣସି ବ୍ୟକ୍ତି ସୂଚନାରେ ବିନିର୍ଦ୍ଦିଷ୍ଟ ହୋଇଥିବା ସମୟ ମଧ୍ୟରେ ଲୋକସାନ ପ୍ରଦାନ କରିବାକୁ ମନା କରନ୍ତି ବା ପ୍ରଦାନ ନ କରନ୍ତି, ଲୋକସାନ ବକେୟା ଭୂରାଜସ୍ୱରୂପେ ଆଦାୟ କରାଯାଇ ପାରିବ ।

(୩) ଉପଧାରା (୧) ବା (୨) ରେ ଥିବା କିଛି ବିଷୟ ଲୋକସାନ ପ୍ରଦାନ କରିବାକୁ ଆଦିଷ୍ଟ ବ୍ୟକ୍ତିଙ୍କୁ ତାଙ୍କର ଦାୟିତ୍ୱ ବାବଦ୍ୱାରା ଅଧିକାରିତା ଥିବା ନ୍ୟାୟାଳୟରେ ଲଢ଼ିବାକୁ ବିବର୍ଜିତ କରୁଛି ବୋଲି ଅନ୍ୱୟ କରାଯିବ ନାହିଁ :

ପରନ୍ତୁ, ସେପରି କୌଣସି ବାଦ ସଂସ୍ଥିତ ହେବା ପୂର୍ବରୁ ସେ ଉପଧାରା (୧) ର ଅଧୀନ ସୂଚନାରେ ବିନିର୍ଦ୍ଦିଷ୍ଟ ହୋଇଥିବା ପରିମାଣ, ଉପଧାରା (୨) ଅଧୀନରେ ଅସୁଲ ହୋଇ ନ ଥିଲେ ଗୃହ ବ୍ୟବସ୍ଥା କମିଶନରଙ୍କଠାରେ ଜମା ଦେବେ ଏବଂ ତାହା ନ୍ୟାୟାଳୟର ଆଦେଶର ଅଧ୍ୟଧୀନରେ ରଖାଯିବ ।

**ଅପିଲ**

୧୪ । (୧) ଧାରା ୮ ଅଧୀନରେ ବା ଧାରା ୧୨ ର ଉପଧାରା (୧) ଅଧୀନରେ ଗୃହ ବ୍ୟବସ୍ଥା କମିଶନରଙ୍କ ଆଦେଶଦ୍ୱାରା ବ୍ୟଥିତ ହୋଇଥିବା କୌଣସି ବ୍ୟକ୍ତି, ଉକ୍ତ ଧାରାଗୁଡ଼ିକ ଅଧୀନରେ ଆଦେଶ ଜାରିହେବାର ତିରିଶଦିନ ମଧ୍ୟରେ, ଯେଉଁ ଜିଲ୍ଲାଜଜଙ୍କ ଅଧିକାରୀତାରେ ଗୃହଟି ଅବସ୍ଥିତ ସେହି ଜିଲ୍ଲାଜଜଙ୍କ ଠାରେ ଅପିଲ କରି ପାରିବେ :

ପରନ୍ତୁ, ଯଦି ଜିଲ୍ଲା ଜଜ୍ ସନ୍ତୁଷ୍ଟ ହୁଅନ୍ତି ଯେ ଅପିଲକାରୀ ପର୍ଯ୍ୟାପ୍ତ କାରଣ ଯୋଗୁ ଯଥା ସମୟରେ ଅପିଲ ଫାଇଲ କରିବାରୁ ନିବାରିତ ହୋଇଛନ୍ତି, ସେ ଉକ୍ତ ତିରିଶ ଦିନ କାଳାବଧି ପରେ ଅପିଲ ଗ୍ରହଣ କରି ପାରିବେ ।

(୨) ଯେଉଁଠାରେ ଉପଧାରା (୧) ଅଧୀନରେ ଅପିଲ କରାଯାଇଥିବ, ସେଠାରେ ଜିଲ୍ଲାଜଜ୍ ଯେଉଁ ଆଦେଶ ବିରୁଦ୍ଧରେ ଅପିଲ କରାଯାଇଥିବ ସେହି ଆଦେଶର ପ୍ରବର୍ତ୍ତନ ଉପଯୁକ୍ତ ମନେ କରିବାମତେ ସେପରି କାଳାବଧି ନିମିତ୍ତ ଓ ସେପରି ସର୍ତ୍ତରେ ସ୍ଥଗିତ ରଖିପାରିବେ ।

**କୌଣସି ଗୃହରେ ପ୍ରବେଶ କରିବା କ୍ଷମତା ।**

୧୫ । ଗୃହ ବ୍ୟବସ୍ଥା କମିଶନର ଏହି ଅଧିନିୟମର ଉପବନ୍ଧଗୁଡ଼ିକ ପ୍ରଶାସିତ କରିବା, କିମ୍ବା କାର୍ଯ୍ୟାନ୍ୱିତ କରିବା ଉଦ୍ଦେଶ୍ୟରେ ଯେଉଁ ଗୃହରେ ପ୍ରବେଶ କରିବା ଆବଶ୍ୟକ ବୋଲି ବିଚାର କରିବେ, ସେହି ଗୃହରେ ସମସ୍ତ ଯୁକ୍ତି ଯୁକ୍ତ ସମୟରେ, ଉପଯୁକ୍ତ ମନେ କରିବା ମତେ ସହାୟକଙ୍କ ସହିତ, ଯଦି ଥାଆନ୍ତି, ପ୍ରବେଶ କରିପାରିବେ ।

**ଆଦେଶର ଚୂଡ଼ାନ୍ତତା ।**

୧୬ । ଏହି ଅଧିନିୟମରେ ଅଭିବ୍ୟକ୍ତ ରୂପେ ଅନ୍ୟଥା ଉପବନ୍ଧିତ ହୋଇଥିବା ବ୍ୟତିରେକେ ଏହି ଅଧିନିୟମ ଅଧୀନରେ ଗୃହବ୍ୟବସ୍ଥା କମିଶନର କିମ୍ବା ଜିଲ୍ଲାଜଜ୍ଙ୍କ ଦ୍ୱାରା ଦିଆ ଯାଇଥିବା ପ୍ରତ୍ୟେକ ଆଦେଶ ଚୂଡ଼ାନ୍ତ ହେବ ଏବଂ କୌଣସି ମୂଳବାଦ, ଆବେଦନ ବା ତାଲିମ କାର୍ଯ୍ୟାନୁଷ୍ଠାନରେ ସେ ବିଷୟରେ ପ୍ରଶ୍ନ ଉଠାଯିବ ନାହିଁ ।

**ଗୃହ ବ୍ୟବସ୍ଥା କମିଶନର ଓ ସହାୟକମାନେ ଲୋକସେବକ ହେବେ ।**

୧୭ । ଗୃହବ୍ୟବସ୍ଥା କମିଶନର ଓ ଧାରା ୧୫ ଅଧୀନରେ କାର୍ଯ୍ୟକରୁଥିବା ସହାୟକମାନେ ଭାରତୀୟ ଦଣ୍ଡ ସଂହିତାର ଧାରା ୨୧ ର ଅର୍ଥାନ୍ତର୍ଗତ ଲୋକସେବକ ବୋଲି ବିବେଚିତ ହେବେ । ୧୮୬୦ର ୪୫

**ଧନ ଟ୍ରେଜେରୀରେ ଜମା ଦିଆଯିବ**

୧୮ । ଏହି ଅଧିନିୟମ ଅଧୀନରେ ଅସୁଲ ହୋଇଥିବା ସମସ୍ତ ଧନ ରାଜ୍ୟ ସରକାରଙ୍କ ହିସାବରେ ସରକାରୀ ଟ୍ରେଜେରିରେ ଜମା ଦିଆଯିବ ।

**ଏହି ଅଧିନିୟମ ଅଧୀନରେ ନିଆ ଯାଇଥିବା କାର୍ଯ୍ୟବାହୀର ସଂରକ୍ଷଣ ।**

୧୯ । ଏହି ଅଧିନିୟମ ଅଧୀନରେ ସରଳ ବିଶ୍ୱାସରେ କରାଯାଉଥିବା ବା କରାଯିବାକୁ ଅଭିପ୍ରେତ ହୋଇଥିବା କିଛି କାର୍ଯ୍ୟ ନିମିତ୍ତ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ବାଦ, ଅଭିଯୋଜନ ବା ଅନ୍ୟ ବିଧିକ କାର୍ଯ୍ୟବାହୀ ଚଳିବ ନାହିଁ ।

**ଅପରାଧ**

୨୦ । (୧) ଯଦି କେହି ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ନିୟମାବଳିର କୌଣସି ଉପବନ୍ଧ ଉଲ୍ଲଙ୍ଘନ କରନ୍ତି, ସେ ଦୋଷସିଦ୍ଧି ପରେ ଦୁଇମାସ ପର୍ଯ୍ୟନ୍ତ ବ୍ୟାପ୍ୟ ଜୋରିମାନାରେ ବା ଉଭୟରେ ଦଣ୍ଡିତ ହେବେ ।

(୨) ଯେଉଁ ବ୍ୟକ୍ତି ଏହି ଅଧିନିୟମ ଦ୍ୱାରା ବା ଅଧୀନରେ ପ୍ରଦତ୍ତ ଶକ୍ତିର ବିଧିପୂର୍ଣ୍ଣ ପ୍ରୟୋଗରେ ବାଧାଦିଅନ୍ତି, ସେ ଦୋଷସିଦ୍ଧି ପରେ ତିନିମାସ ପର୍ଯ୍ୟନ୍ତ ବ୍ୟାପ୍ୟ ଅବଧି ନିମିତ୍ତ କାରାବାସରେ ବା ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ ବ୍ୟାପ୍ୟ ଜୋରିମାନାରେ ବା ଉଭୟରେ ଦଣ୍ଡିତ ହେବେ ।

ଅପରାଧର ବିଗ୍ରହାଧିକାର । ୨୧ । ଗୃହବ୍ୟବସ୍ଥା କମିଶନର ବା ଏଥିନିମିତ୍ତ ତାଙ୍କ ଦ୍ୱାରା ପ୍ରାଧିକୃତ ହେବାମତେ କର୍ମଚାରୀଙ୍କ ଠାରୁ ପ୍ରାପ୍ତ ପରିବାଦ ବା ଅବଗତି ବ୍ୟତୀତ କୌଣସି ନ୍ୟାୟାଳୟର ଏହି ଅଧିନିୟମ ଅଧୀନରେ ଦଣ୍ଡନୀୟ ଅପରାଧ ପାଇଁ ବିଗ୍ରହାଧିକାର ରହିବ ନାହିଁ ।

ନିୟମାବଳି ପ୍ରଣୟନ କ୍ଷମତା । ୨୨ । (୧) ରାଜ୍ୟସରକାର ଏହି ଅଧିନିୟମର ଉଦ୍ଦେଶ୍ୟ କାର୍ଯ୍ୟାନ୍ୱିତ କରିବାକୁ ପୂର୍ବ ପ୍ରକାଶନ ପରେ ନିୟମାବଳି ପ୍ରଣୟନ କରି ପାରିବେ ।

(୨) ପୂର୍ବବର୍ତ୍ତୀ କ୍ଷମତା ଗୁଡ଼ିକର ବ୍ୟାପକତା ପ୍ରତି ପ୍ରତିକୂଳ ନ ହୋଇ ସେପରି ନିୟମାବଳି ନିମ୍ନଲିଖିତ ସମସ୍ତ ବା କୌଣସି ବିଷୟରେ ଉପବନ୍ଧିତ କରି ପାରିବ :—

(୵) ଗୃହ ବ୍ୟବସ୍ଥା କମିଶନରଙ୍କ କର୍ତ୍ତବ୍ୟ ଓ କୃତ୍ୟ ;

(୶) ଧାରା ୫ ଅଧୀନ ଉପଦେଷ୍ଟା କମିଟିର ଗଠନ ଓ ସଦସ୍ୟ ପଦ ;

(୷) ଗୃହ ନିମିତ୍ତ ଆବେଦନର ଫାରମ ଓ ବଣ୍ଟନର ରୀତି ଏବଂ ତାହାର ଅଧିଭୋଗ ସମ୍ପର୍କୀୟ ସର୍ତ୍ତ ;

(୲) ଧାରା ୧୪ ଅଧୀନରେ କରାଯିବା ଅପିଲର ଫାରମ ଓ ରୀତି ;

(୲୵) ଧାରା ୧୪ ଅଧୀନ ଅପିଲଗୁଡ଼ିକରେ ଦିଆଯିବା ଫିସ୍ ଯଦିଥାଏ ;

(୲୶) ଧାରା ୮ ବା ଧାରା ୧୨ ର ଉପଧାରା (୨) ଅଧୀନରେ ଆଦେଶର ଜାରିର ଢଙ୍ଗ ;

(୲୷) ଭଡା ଓ ଅନ୍ୟ ପ୍ରଭାରମାନ ପ୍ରଦାନ କରିବାର ଢଙ୍ଗ ;

(୳) ଧାରା ୧୩ ରେ ନିର୍ଦ୍ଦେଶିତ ଲୋକସାନର ନିର୍ଦ୍ଧାରଣ ;

(୳୵) ଗୃହ ଗୁଡ଼ିକର ଅନୁରକ୍ଷଣ ଓ ରକ୍ଷଣାବେକ୍ଷଣ ; ଏବଂ

(୳୶) ବିହିତ କରାଯିବା ବା ହୋଇପାରିବା କୌଣସି ଅନ୍ୟ ବିଷୟ ।

(୩) ଏହିଧାରା ଅଧୀନରେ ପ୍ରଣୀତ ସମସ୍ତ ନିୟମାବଳି, ସେଗୁଡ଼ିକ ପ୍ରଣୀତ ହେବା ପରେ ଯେତେ ଶୀଘ୍ର ହୋଇପାରେ, ରାଜ୍ୟ ବିଧାନ ମଣ୍ଡଳରେ ମୋଟ ୧୪ ଦିନ କାଳାବଧି ନିମିତ୍ତ ଉପସ୍ଥାପିତ କରାଯିବ ଯାହାକି ଏକ ବା ଅଧିକ ଅଧିବେଶନରେ ସମାବିଷ୍ଟ ହୋଇପାରେ ଏବଂ ଯଦି ଉକ୍ତ କାଳାବଧିରେ ରାଜ୍ୟ ବିଧାନମଣ୍ଡଳ ତହିଁରେ କିଛି ଉପାନ୍ତରଣ କରନ୍ତି, ତତ୍ପରେ ନିୟମାବଳି କେବଳ ସେପରି ଉପାନ୍ତରିତ ରୂପରେ ପ୍ରଭାବୀ ହେବ ଯେପରି କି ସେପରି ଉପାନ୍ତରଣ ନିୟମାବଳି ଅଧୀନରେ କରାଯାଇଥିବା କିଛି କାର୍ଯ୍ୟର ବିଧିମାନ୍ୟତା ପ୍ରତି ପ୍ରତିକୂଳ ହେବ ନାହିଁ ।

ଅସୁବିଧା ଅପସାରଣ କ୍ଷମତା । ୨୩ । ଏହି ଅଧିନିୟମର ଉପବନ୍ଧଗୁଡ଼ିକ ପ୍ରଭାବୀ କରିବାରେ ଯଦି କିଛି ଅସୁବିଧା ଉଦ୍‌ଭୂତ ହୁଏ, ରାଜ୍ୟ ସରକାର, ଘଟଣା ଆବଶ୍ୟକ କରୁଥିବା ମତେ, ଅସୁବିଧା ଅପସାରଣ ଉଦ୍ଦେଶ୍ୟରେ ତାଙ୍କୁ ଆବଶ୍ୟକ ବୋଲି ପ୍ରତୀତ ହେଉଥିବା ଏହି ଅଧିନିୟମର ଉପବନ୍ଧଗୁଡ଼ିକର ଅସଙ୍ଗତ ହେଉ ନ ଥିବା ଯେ କୌଣସି କାର୍ଯ୍ୟ, ଆଦେଶ ଦ୍ୱାରା କରି ପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ବି. କେ. ପାତ୍ର

ସରକାରଙ୍କ ସଚିବ

OGP—MP-VI (Law) 55—1,000—7 12-1971

Printed by Shri U. N. Misra, Superintendent
Orissa Govt. Press, Madhupatna, Cuttack-3